# <u>ପ୍ରେସ ବିଜ୍ଞପ୍ତି</u>

ଓଡ଼ିଶାରେ କ୍ଷମତାସୀନ ବିଜଦର ୨୦ବର୍ଷ କ୍ଷମତାଭୋଗ ଖୁସିରେ ପୁରୀ ସହରରେ ମନ୍ତ୍ରୀମଣ୍ଡଳ ବୈଠକ ବସି ଓଡ଼ିଆ ଭାଷାକୁ କେନ୍ଦ୍ର କରି ଯେଉଁ କେତେକ ନିଷ୍ପତ୍ତି ନେଇଛନ୍ତି ତାହା ଓଡ଼ିଆ ବିରୋଧୀମାନଙ୍କର ତଥା ଭାଷା ମାଫିଆମାନଙ୍କର ଅଭିସନ୍ଧି ଅନୁରୂପ ହୋଇଥିବା ହେତୁ ଭାଷା ଆନ୍ଦୋଳନ, ଓଡ଼ିଶା ଘୋର କ୍ଷୋଭ ପ୍ରକାଶ କରୁଛି । ସରକାରୀ ଭାଷା ଆଇନ ୧୯୫୪ର ସଂଶୋଧନ ଅଣାଯାଇ ବିହିତ ଦଣ୍ଡବିଧାନ ବ୍ୟବସ୍ଥା କରିବାକୁ ମନ୍ତ୍ରୀମଣ୍ଡଳ ନେଇଥିବା ନିଷ୍ପତ୍ତିରେ ଯଦି ଆନ୍ତରିକତାର ଥାନ୍ତା ତେବେ ଦଣ୍ଡର ପରିମାଣ, ଦଣ୍ଡବିଧାନର ନ୍ୟାୟିକ ପଦ୍ଧତି ଇତ୍ୟାଦି ସେହି ଏକା ବୈଠକରେ ସଜ୍ଞାୟିତ ହୋଇଥାନ୍ତା । ତାହା ନ କରି ପୂର୍ବପରି ଶବ୍ଦଜାଲ ସୃଷ୍ଟିକରାଯାଇ ଓଡ଼ିଆ ଜାତିକୁ ପ୍ରତାରିତ କରିବାକୁ ଚେଷ୍ଟା ହୋଇଥିବା ହେତୁ ଏହି କ୍ୟାବିନେଟ ନିଷ୍ପତ୍ତିରେ ଭାଷା ଆନ୍ଦୋଳନ ପ୍ରଭାବିତ ନ ହୋଇ କଳାପତାକା ଅଭିଯାନ ଅବ୍ୟାହତ ରହି ଜୋରଦାର ହେବ ବୋଲି ଆନ୍ଦୋଳନର ନେତୃତ୍ୱ ଘୋଷଣା କରିଛି ।

ଭାଷା ଆନ୍ଦୋଳନ ଦାବିର ଗାରିମା ଓ ଗୁରୁତ୍ୱ ସରକାର ବହୁ ବିଳମ୍ବରେ ଉପଲବ୍ଧି କରିଥିବା ଆଶ୍ୱସନାର କଥା ହୋଇଥିଲେ ମଧ୍ୟ, ଏହି କ୍ୟାବିନେଟ ନିଷ୍ପତ୍ତିରେ କୌଣସି ସ୍ୱଷ୍ଟତା ନାହିଁ । ଦଣ୍ଡବିଧାନ ସ୍ୱରୂପ କଣ ହେବ ତାହା ଭାଷା ଆନ୍ଦୋଳନର ଅଧ୍ୟକ୍ଷ ଦେଇଥିବା ଚିଠା ନିୟାମାବଳୀରେ ସ୍ୱଷ୍ଟ ଭାବେ ଉଲ୍ଲେଖ କରାଯାଇଥିବା ବେଳେ ତାହା ମଧ୍ୟ ଏବେ ବି ସରକାରୀ ୱେବ ସାଇଟ୍‌ରେ odia.odisha.gov.in ରେ ଉପଲବ୍ଧ । ସରକାର ସେ ସମ୍ପର୍କରେ ମୌନ ରହିଛନ୍ତି ।

ଓଡ଼ିଆ ଭାଷାକୁ ବ୍ୟବସାୟିକ ପଣ୍ୟ କରିବା ପାଇଁ ସହଭାଗିତାରେ କାମ କରିବାକୁ କହି ସରକାର ଭାଷା ମାଫିଆମାନଙ୍କୁ ପ୍ରୋତ୍ସାହନ ଦେବାକୁ ଯେଉଁ ନିଷ୍ପତ୍ତି କରିଛନ୍ତି ଭାଷା ଆନ୍ଦୋଳନ ତାକୁ ବିରୋଧ ସହ ତୀବ୍ର ନିନ୍ଦା କରୁଛି । କାରଣ ଭାଷା ମାଫିଆମାନେ ଶାସ୍ତ୍ରୀୟ ମାନ୍ୟତା ସମ୍ପର୍କୀୟ ସରକାରୀ ସନ୍ଦର୍ଭ ଚୋରୀ କରିଥିବା ଅଭିଯୋଗ ଏବେ ତଦନ୍ତ ଅପେକ୍ଷାରେ ।

ଓଡ଼ିଆ ସଫ୍ଟୱାର ପ୍ରସ୍ତୁତି ବ୍ୟକ୍ତିବିଶେଷଙ୍କ ବ୍ୟବସାୟିକ ପ୍ରକଳ୍ପ ଅନ୍ତର୍ଗତ ହୋଇଥିବା ବେଳେ ତାକୁ ପୁରସ୍କୃତ କରିବାକୁ ମନ୍ତ୍ରୀମଣ୍ଡଳ ନିଷ୍ପତ୍ତି ନେବା ମଥା ନ ଖେଳାଇ ନିଆହୋଇଥିବା ଏକ ନିଷ୍ପତ୍ତି । ଭାଷା ଆନ୍ଦୋଳନ ଏହାକୁ ବିରୋଧ କରୁଛି ।

ଭାଷା ଆନ୍ଦୋଳନ ଭାଷା ଆଇନ ଉଲ୍ଲଙ୍ଘନକାରୀଙ୍କୁ ଦଣ୍ଡ ପ୍ରଦାନ କରିବା ପାଇଁ ଏକ 'ଭାଷା ବିଚାରାଳୟ' ପାଇଁ ଦାବି କରିଆସିଛି । ଏହା ଜଣେ ଜିଲ୍ଲା ଜଜ ପାହ୍ୟାର ବିଚାରପତିଙ୍କ ଅଧ୍ୟକ୍ଷତାରେ ଦଣ୍ଡବିଧାନ ବ୍ୟବସ୍ଥା ଅନୁସାରେ ଚାଲିବାକୁ ଭାଷା ଆନ୍ଦୋଳନର ଅଧ୍ୟକ୍ଷ ସୁଭାଷ ଚନ୍ଦ୍ର ପଟ୍ଟନାୟକ ମନ୍ତ୍ରୀସ୍ତରୀୟ କମିଟିରେ ଯେଉଁ ଚିଠା ନିୟାମାବଳୀ ଦେଇଥିଲେ ତାହାକୁ ଗ୍ରହଣ କରି ଭାଷା ବିଚାରାଳୟ ସ୍ଥାପନ କରିବାକୁ ଓ ଦଣ୍ଡ ସଂହିତା ଅନୁସାରେ ଏହି ବିଚାରାଳୟକୁ ସଶକ୍ତିକୃତ କରିବାକୁ ଭାଷା ଆନ୍ଦୋଳନ ଦାବି କରିବା ସହ ମନ୍ତ୍ରୀମଣ୍ଡଳ ଗ୍ରହଣ କରିଥିବା ଭାଷା କମିଶନ ପ୍ରସ୍ତାବକୁ ତଦନୁଯାୟୀ ପୁନଃ ନାମିତ କରିବାକୁ ଭାଷା ଆନ୍ଦୋଳନ ଦାବି କରୁଛି ।

ଓଡ଼ିଆ ବିଦ୍ୟାଳୟଗୁଡ଼ିକୁ ରୁଗ୍‌ଣ କରି ରଖିଥିବା ସରକାର ଓଡ଼ିଆରେ ଭଲ କରୁଥିବା ଶିକ୍ଷାର୍ଥୀଙ୍କୁ ଆର୍ଥିକ ପ୍ରୋତ୍ସାହନ ଦେବାକୁ ଯାହା କହିଛନ୍ତି ତାହା କେବଳ ଆମ ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଉଦ୍ଦିଷ୍ଟ । ଭାଷା ଆନ୍ଦୋଳନ ଦାବି କରୁଛି, ଏପରି ପଦକ୍ଷେପ ନେବା ପୂର୍ବରୁ ପ୍ରତି ବିଦ୍ୟାଳୟରେ ଓଡ଼ିଆ ଶିକ୍ଷକ ନିଯୁକ୍ତି କରାଯାଉ ଓ ଓଡ଼ିଆ ଭାଷାକୁ ପ୍ରାଥମିକତା ଦିଆଯାଉ ଓ ସମସ୍ତ ଶିକ୍ଷାର୍ଥୀଙ୍କୁ ଶିକ୍ଷାୟତନର ସମାନ ସୁବିଧାସୁଯୋଗ ସୁନିଶ୍ଚିତ କରାଯାଉ ।

ଉପରୋକ୍ତ ଲକ୍ଷ୍ୟ ହାସଲ ପର୍ଯ୍ୟନ୍ତ ଭାଷା ଆନ୍ଦୋଳନର କଳା ପତାକା ଅଭିଯାନ ଚାଲୁରହିବ ଓ ଅଧିକ ପ୍ରସାରିତ ହେବ ବୋଲି ଭାଷା ଆନ୍ଦୋଳନ, ଓଡ଼ିଶାର ଅଧ୍ୟକ୍ଷ ଶ୍ରୀ ସୁଭାଷ ଚନ୍ଦ୍ର ପଟ୍ଟନାୟକ, ସଭାପତି ପ୍ରଦ୍ୟୁମ୍ନ ଶତପଥୀ, ଆବାହକ ଶ୍ରୀ ପବିତ୍ର ମହାରଥା, କୋର କମିଟି ସଭ୍ୟ ସର୍ବଶ୍ରୀ ଜାନକୀଶ ବଡପଣ୍ଡା, ନବ କିଶୋର ପ୍ରଧାନ ଓ ନାରାୟଣ ଖୁଣ୍ଟିଆ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି ।

| | | |
|---|---|---|
| ସୁଭାଷ ଚନ୍ଦ୍ର ପଟ୍ଟନାୟକ | ପ୍ରଦ୍ୟୁମ୍ନ ଶତପଥୀ | ପବିତ୍ର ମହାରଥା |
| ଅଧ୍ୟକ୍ଷ | ସଭାପତି | ଆବାହକ |
| ଭାଷା ଆନ୍ଦୋଳନ, ଓଡ଼ିଶା | ଭାଷା ଆନ୍ଦୋଳନ, ଓଡ଼ିଶା | ଭାଷା ଆନ୍ଦୋଳନ, ଓଡ଼ିଶା |